# Plantation Programme on the eve of Independence Day

Plantation drive was organized by the NSS units on the eve of Independence Day. On 14th August 2019 Preparatory work like Digging of holes etc was done in the college campus. 32 students participated in the event.







# ଗୁଣପୁରର ବିଭିନ୍ନ ସ୍ଥାନରେ ଚାରାରୋପଣ



ବୃଦ୍ଧାଶ୍ରମରେ ଚାରାରୋପଣ ଅବସରରେ ଅତିଥି ଏବଂ ଛାତ୍ରୀଛାତ୍ର।

ଗୁଣପୁର,୧୮।୮(ଡି.ଏନ୍.ଏ)

ଗୁଣପୁରର ବିଭିନ୍ନ ଅନୁଷ୍ଠାନ ସ୍ୱାଧୀନତା ଦିବସ ଅବସରରେ ଚାରାରୋପଣ କରିଛନ୍ତି। ବିକ୍ରମପୁରସ୍ଥିତ ବୃଦ୍ଧାଶ୍ରମ ପରିସରରେ ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଚାରା ଲଗାଯାଇଛି। ଏଥିରେ ଅଜୟ କୁମାର ପ୍ରଧାନ, ସବଜଜ୍ ବିଭୁଦତ୍ତ ନାୟକ, ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ଦିପଙ୍କର ବଳଙ୍କ ସମେତ ବନ ବିଭାଗ, କୋର୍ଟ କର୍ମଚାରୀ, ବୃଦ୍ଧାଶ୍ରମ କର୍ମଚାରୀ ଏବଂ ଅନ୍ତେବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ୩୦୦ ଚାରା ରୋପଣ କରାଯାଇଛି। ଗୁଣପୁର କଲେଜରେ ଏନ୍‌ଏସ୍‌ଏସ୍‌ର ୩ଟି ୟୁନିଟ୍ ପକ୍ଷରୁ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଳଁା, ଜାମୁ, ଲିମ୍ବ, ଆକାଶିଆ, କୃଷ୍ଣଚୂଡା ଚାରା ଲଗାଯାଇଥିଲା। ଅଧ୍ୟକ୍ଷ ବାମଦେବ ମିଶ୍ରଙ୍କ ଉପସ୍ଥିତିରେ ଏଠାରେ ମୋଟ ୧୦୦ ଚାରାରୋପଣ ହୋଇଥିଲା। ଏନଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ.ଜୟଶ୍ରୀ ଜେଟି, ଡ.ସୂର୍ଯ୍ୟନାରାୟଣ ପଣ୍ଡା ଓ ପୂର୍ବତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶଶୀ ଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ, କ୍ରୀଡା ଶିକ୍ଷକ ଦେବପ୍ରସାଦ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।